ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Revenue and DM(OD)/ 1337/23-02-2021**

# ପୂର୍ବତନ ବିଧାୟକ ବିମଳଲୋଚନ ଦାସଙ୍କ ବିୟୋଗରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡିଙ୍କ ଶୋକ

ଭୁବନେଶ୍ୱର, ତା.୨୩.୦୨.୨୦୨୧ରିଖ

ବାରିପଦାର ପୂର୍ବତନ ବିଧାୟକ, ବରିଷ୍ଠ ସମବାୟବିତ୍ ତଥା ବିଶିଷ୍ଟ ରାଜନେତା ବିମଳଲୋଚନ ଦାସଙ୍କ ବିୟୋଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଏକ ଶୋକବାର୍ତ୍ତାରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ ସ୍ୱର୍ଗତ ଦାସ ମୟୂରଭଞ୍ଜ ଜିଲ୍ଲା ସମବାୟ ଆନ୍ଦୋଳନର ଥିଲେ ଜଣେ ମୁଖ୍ୟ ବିନ୍ଧାଣି । ମିଷ୍ଟଭାଷୀ, ଜନତାର ଦରଦୀ ବନ୍ଧୁ ସ୍ୱର୍ଗତ ଦାସ ଜନହିତକର କାର୍ଯ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ଛାଡ଼ି ଯାଇଛନ୍ତି ଅନେକ ସ୍ୱାକ୍ଷର । ଆଜି ମୟୂରଭଞ୍ଜ ଜିଲ୍ଲାସ୍ଥିତ ବାସଭବନରେ ତାଙ୍କର ସ୍ୱର୍ଗବାସ ହୋଇଛି । ତାଙ୍କର ବିୟୋଗ ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି ।

ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

ଭବାନୀ ଶଙ୍କର ଭୂୟାଁ
ସୂଚନା ଅଧିକାରୀ